ପ୍ରମେୟ
THE PRAMEYA
୧୦.୭.୨୦୨୩
ସୁନ୍ଦରଗଡ଼
ସୋମବା

ଚାଷ କରୁଛନ୍ତି ୫୫ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା

# ପ୍ରଥମ ପର୍ଯ୍ୟାୟରେ ୨୨୦ କ୍ୱିଣ୍ଟାଲ ଜିଆଖତ ବିକ୍ରି

ସୁନ୍ଦରଗଡ଼,୯।୭(ଆପ୍ର): ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲ ସୁରକ୍ଷା, ଜଙ୍ଗଲ ଉପରେ ନିର୍ଭର କରୁଥିବା ପରିବାରମାନଙ୍କ ଜୀବନ ଜୀବିକାର ମାନରେ ଉନ୍ନତି ଆଣିବାର ଲକ୍ଷ୍ୟ ରଖି ସୁନ୍ଦରଗଡ ବନାଞ୍ଚଳର ଉଜ୍ଜଳପୁର, ଲେଫ୍ରିପଡ଼ା, ହେମଗିର, ସୁନ୍ଦରଗଡ଼ ଓ ବଡ଼ଗାଁ ବନାଞ୍ଚଳର ୧୫୬ଟି ବନ ସୁରକ୍ଷା ସମିତିରେ ଚାଲୁଛି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ। ବିଭିନ୍ନ ଆୟ ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ନୂତନ ରୋଜଗାର ସୃଷ୍ଟି, ବିକଳ୍ପ ଜୀବିକା ଦ୍ୱାରା ଲୋକଙ୍କୁ ସ୍ୱାବଲମ୍ବୀ କରି ଗାଁ ଗାଁରେ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇ ଜଙ୍ଗଲ ସୁରକ୍ଷା କରିବା ନିମନ୍ତେ ଏହି ପ୍ରକଳ୍ପ ତରଫରୁ ବନ ସୁରକ୍ଷା ସମିତି ମାଧ୍ୟମରେ ବ୍ୟାପକ କାର୍ଯ୍ୟକ୍ରମ କରାଯାଉଛି। ଗତବର୍ଷ ପ୍ରଥମ କରି ଜିଆଖତ ଚାଷ ଭଳି ଏକ ନୂତନ ବ୍ୟବସାୟକୁ ଆରମ୍ଭ କରି ୮୫୦ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଜିଆଖତ ବିକ୍ରି କରି ଲକ୍ଷାଧିକ ଟଙ୍କା ରୋଜଗାର କରିବାରେ ସଫଳତା ହାସଲ କରିଥିଲେ ୨୬ଟି ବନ ସୁରକ୍ଷା ସମିତିର ୪୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ୩୨୦ ଜଣ ମହିଳା। ଏଥିରେ ଉତ୍ସାହିତ ହୋଇ ଚଳିତ ବର୍ଷ ୨୭ଟି ବନ ସୁରକ୍ଷା ସମିତିର ୫୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଜିଆଖତ ଚାଷ କରୁଥିବା ବେଳେ ଏହାର ଉପଯୁକ୍ତ ବଜାର ବ୍ୟବସ୍ଥା ନିମନ୍ତେ ଅଣ୍ଟା ଭିଡ଼ିଛି ସୁନ୍ଦରଗଡ଼ ବନଖଣ୍ଡ। ବିଶେଷ କରି ଉଜ୍ଜଳପୁର କ୍ଷେତ୍ର ପରିଚାଳନା




ଏକକରେ କାର୍ଯ୍ୟରତ ୧୬ଟି ବନ ସୁରକ୍ଷା ସମିତିର ୩୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କ୍ଲଷ୍ଟର ଭିତ୍ତିକ ଜିଆଖତ ଚାଷ କରୁଛନ୍ତି ତଥା ଏ ପର୍ଯ୍ୟନ୍ତ ୧୦୦୦ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଜିଆଖତ ଅମଳ କରି ସାରିଲେଣି। ସୁନ୍ଦରଗଡ଼ ବନାଞ୍ଚଳ ଅଧିକାରୀ ପ୍ରଦୀପ ମିରାସେ ଓ ସହକାରୀ ବନ ସଂରକ୍ଷକ ମୋହନ ହେମ୍ବ୍ରମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ବିକ୍ରି ଓ ବଜାର ବ୍ୟବସ୍ଥା ନିମନ୍ତେ ନିରନ୍ତର ପ୍ରୟାସ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଚଳିତ ବର୍ଷର ଜିଆଖତର ପ୍ରଥମ ଅମଳକୁ ଉଜ୍ଜଳପୁର ବନାଞ୍ଚଳର ଫୁଲଧୁଡ଼ି ବନ ସୁରକ୍ଷା ସମିତିରୁ ୨୨୦ କ୍ୱିଣ୍ଟାଲ ଜିଆଖତ ଦେବଗଡ଼ ବନଖଣ୍ଡକୁ ବିକ୍ରି କରାଯାଇଛି। ଆଜି ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଉଜ୍ଜଳପୁର ବନାଞ୍ଚଳର ଫୁଲଧୁଡ଼ି ବନ ସୁରକ୍ଷା ସମିତିରେ ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ପ୍ରେମ ସାଗର ନାଏକ ସବୁଜ ପତାକା ଦେଖାଇ ଜିଆଖତର ଏହି ଆନ୍ତଃ ଜିଲ୍ଲା ବଜାର ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଖଣ୍ଡୀୟ ପରିଚାଳନା ଏକକର ବିଷୟଗତ ବିଶେଷଜ୍ଞ ଗୋପାଳ ଚନ୍ଦ୍ର ଶୁକ୍ଳ, ଉଜ୍ଜଳପୁର କ୍ଷେତ୍ର ପରିଚାଳନା ଏକକର ଏଫ୍.ଏମ୍.ୟୁ. ସଂଯୋଜକ, ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ ବନଖଣ୍ଡର ଏହି ପଦକ୍ଷେପ ଦ୍ୱାରା ଜିଆଖତ ଚାଷ କରୁଥିବା ମହିଳାଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳି ଯାଇଛି। ଏ ପର୍ଯ୍ୟନ୍ତ ୧୦୦୦ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଜିଆଖତ ଅମଳ କରି ସାରିଥିବା ବେଳେ ଚଳିତ ଋତୁରେ ଆହୁରି ୧୦୦୦ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଜିଆଖତ ଅମଳର ଲକ୍ଷ୍ୟ ରଖିଛନ୍ତି ଏହି ମହିଳା ଗୋଷ୍ଠୀ। ଆଗାମୀ ଦିନରେ ଏହି ଜିଆଖତ ବ୍ୟବସାୟ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ସହିତ ଏକ ଚିରସ୍ଥାୟୀ ଜୀବିକା ଯୋଗାଇବା ବୋଲି ସର୍ବସାଧାରଣରେ ଚର୍ଚ୍ଚା ହେଉଛି।